## ମତ୍ସ୍ୟ ନିର୍ଦ୍ଦେଶକଙ୍କୁ ଭେଟିଲା ମତ୍ସ୍ୟଜୀବୀ ଗଣ ପରିଷଦ ସଂଘ

ରମ୍ଭା,ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ଗଣ ପରିଷଦ ସଂଘ ପକ୍ଷରୁ ସୋମବାର ଏକ ପ୍ରତିନିଧି ଦଳ ମତ୍ସ୍ୟ ନିର୍ଦ୍ଦେଶକଙ୍କୁ ଭେଟି ଚିଲିକାର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମତ୍ସଜୀବୀଙ୍କ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଗଣପରିଷଦର ସମ୍ପାଦକ, ସଭାପତି, ଉପସଭାପତି, ଉପଦେଷ୍ଟା ଭୀମସେନ ବେହେରା, ଭଞ୍ଜ କିଶୋର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ସେନାପତି ବେହେରା, ଗୋବିନ୍ଦ ଜାଲି ପ୍ରମୁଖ ଉପସ୍ଥିତ ରହି ଦାବି ଉପସ୍ଥାପନା କରିଥିଲେ।

## ସଂକ୍ଷେପରେ

### ୪ ଶ୍ରମିକଙ୍କ ଗଣ୍ଡଗୋଳ, ଜଣେ ମୃତ

ପାତ୍ରପୁର,୬।୩(ଡି.ଏନ.ଏ.)- ଶିକନ୍ଦରାବାଦର ପଠାନଚୋର ଜିଲା ନାଗରପଲ୍ଲୀ ଅଞ୍ଚଳର ଏକ ଘରୁ ବିଡିଏଲ ବାନୁର ଥାନା ପୋଲିସ ସୋମବାର ଜଣେ ଶ୍ରମିକଙ୍କ ମୃତଦେହ ଜବତ କରିବା ସହ ଗୁରୁତର ୩ ଜଣଙ୍କୁ ଉଦ୍ଧାର କରିଛି। ମୃତକ ଜଣକ ହେଲେ ଜରଡ଼ା ଥାନା ତୁରୁବୁଡି ପଞ୍ଚାୟତ ଝଗଡାପଲ୍ଲୀ ଗ୍ରାମର ବିଶ୍ୱନାଥ ଦଳେଇ(୩୫)। ଆହତମାନେ ଅଭି ଦଳେଇ, ନିରଞ୍ଜନ ଦଳେଇ ଓ ଦିଗପହଣ୍ଡି ବ୍ଲକ ପିମ୍ପଳାପଲ୍ଲୀ ଗ୍ରାମର ଟୁକୁନା ଶବର। ଆହତଙ୍କ ସାର୍ଟ ପକେଟରୁ ମୋବାଇଲ ନମ୍ବର ସଂଗ୍ରହ କରି ଆହତ ଓ ମୃତକଙ୍କ ପରିବାର ସହ ପୋଲିସ ଯୋଗାଯୋଗ କରିଛି । ପୋଲିସର ସୂଚନା ଅନୁଯାଇ ସମସ୍ତ ଯୁବକ ନାଗରପଲ୍ଲୀରେ ଗୋଟିଏ ଘରେ ରହି ଶ୍ରମିକ ଭାବେ କାମ କରୁଥିବାବେଳେ ସକାଳୁ ଉକ୍ତ ଘରୁ ଜଣଙ୍କର ମୃତଦେହ ଜବତ ହେଇଥିଲା। ଅନ୍ୟ ଶ୍ରମିକଙ୍କୁ ଅଚେତ ଅବସ୍ଥାରେ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଗୁରୁତରମାନଙ୍କର ଚେତା ଫେରିଲେ ଘଟଣାର ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଏମ୍‌ଜିଏନ୍‌ଆରଇଜିଏସ୍ ତାଲିମ

ଆର.ଉଦୟଗିରି, ୬।୩(ଡି.ଏନ୍.ଏ.) ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆର.ଉଦୟଗିରି, ବସ୍ତିଗୁଡା ଓ ଶବରପଲ୍ଲୀ ପଞ୍ଚାୟତର ମେଟ୍‌ମାନଙ୍କୁ ନେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଏହି ଯୋଜନାରେ କାମ କେଉଁମାନେ କରିପାରିବେ, ଶ୍ରମିକଙ୍କ ସୁରକ୍ଷା ପାଇଁ କିଭଳି ବନ୍ଦୋବସ୍ତ କରାଯାଇଛି, କାମ କିଭଳି ଦାବି କରାଯାଇଥିଲା, କାମ କରି ଶ୍ରମିକମାନେ ନିଜର ଆର୍ଥିକ ଅଭିବୃଦ୍ଧି କିଭଳି କରିପାରିବେ,ଜାତୀୟ ମୋବାଇଲ ମନିଟରିଂ ସିଷ୍ଟମ ମାଧମରେ କିଭଳି ଡାଟା ଅପ୍‌ଲୋଡ ହେବ ସେନେଇ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ କୁମାର ବିଶୋୟୀ ବୁଝାଇଥିଲେ। ଏଥିରେ ମେଟ୍‌ମାନଙ୍କ ଭୂମିକା ନେଇ ସ୍ପଷ୍ଟ କରାଯାଇଥିଲା।

### ଓଲଟିଲା ଅଟୋ, ୮ ଆହତ

ଗଞ୍ଜାମ,୬।୩(ଡି.ଏନ.ଏ.)-ଛତ୍ରପୁର ବ୍ଲକ ସିନ୍ଦୁରପୁର ଗ୍ରାମରୁ ଏକ ବିବାହ ଭୋଜି ଖାଇ ଫେରିଲା ବେଳେ ଜାତୀୟ ରାଜପଥ ଷୋହଳ ନମ୍ବର ଜାତୀୟ ରାଜପଥ ଥାନା ନିକଟ ରାସ୍ତାରେ ଏକ ଅଟୋ ଓଲଟି ପଡିଥିଲା। ଅଟୋରେ ବସିଥିବା ଡ୍ରାଇଭରଙ୍କ ସମେତ ସମସ୍ତ ୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେଥିରୁ ସୁକାନ୍ତି ବେହେରା ଗୁରୁତର ଅଛନ୍ତି। ଗଞ୍ଜାମ ଆଇଆଇସି ସନ୍ତୋଷ କୁମାର ବେହେରା ଏବଂ ଜାତୀୟ ରାଜପଥ ପାଟ୍ରୋଲିଂ ଅଫିସର ଦେବରାଜ ସାହୁ, ସୁମୂନାଥ ରେଡ଼ି, ରାହୁଲ ସେଠୀ ଏବଂ ଗଙ୍ଗରାମ ରାଓ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇଥିଲେ। ଛତ୍ରପୁର ଥାନା ସିନ୍ଦୁରପୁର ଗ୍ରାମରୁ ଭୋଜି ଖାଇ ଅରୁଣପୁରକୁ ଦୁଇଟି ପରିବାର ଫେରୁଥିବା ବେଳେ ଅଟୋଟି ପ୍ରାୟ ୧୦ ଫୁଟ ତଳକୁ ଓଲଟି ପଡ଼ିଥିଲା।

### ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ

ବୁଗୁଡ଼ା,୬।୩(ଡି.ଏନ.ଏ.)-ବୁଗୁଡ଼ା ଓକିଲ ସଂଘ ନିର୍ବାଚନ ପାଇଁ ସୋମବାର ନାମାଙ୍କନ ଦାଖଲର ଶେଷ ଦିନ ଥିବାବେଳେ ସମସ୍ତ ପଦବୀରେ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ପଦବୀ ପାଇଁ ହରପ୍ରସାଦ ଦାଶ, ଅନିଲ ପଟ୍ଟନାୟକ - ଉପସଭାପତି, ଅମର କୁମାର ପଟ୍ଟନାୟକ-ସମ୍ପାଦକ, ମନୋଜ କୁମାର ପାଣିଗ୍ରାହୀ-ସହସମ୍ପାଦକ, କାହ୍ନୁ ଚରଣ ସାହୁ-କୋଷାଧକ୍ଷ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁଶାନ୍ତ କୁମାର ସେଠୀ, ସରୋଜ କୁମାର ଦାଶ, ପ୍ରକାଶ ଚନ୍ଦ୍ର ଭୂୟାଁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସେମାନଙ୍କ ବିପକ୍ଷରେ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନ ଥିବାରୁ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବେ ବୋଲି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ସତ୍ୟନାରାୟଣ ମିଶ୍ର କହିଛନ୍ତି।

# ଧୂଁଆରେ ଅଣନିଃଶ୍ୱାସୀ ଉତ୍ତର ଘୁମୁସର ବନଖଣ୍ଡବାସୀ

- ସାଟେଲାଇଟ୍ ଚିହ୍ନଟ କରୁଛି, କର୍ମଚାରୀ ନିୟନ୍ତ୍ରଣ କରୁଛନ୍ତି
- ୧୫୭ ସ୍ଥାନରେ ନିଆଁ,ସମନ୍ୱୟ ଅଭାବରୁ ଜଙ୍ଗଲ ପୋଡ଼ି ବଢୁଛି

ଭଞ୍ଜନଗର,୬।୩(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଚଳିତ ବର୍ଷର ସୋମବାର ୧୫୭ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗଛି । ସେଥିମଧ୍ୟରୁ ରବିବାର ୧୫ରୁ ଉର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଥିବା ବେଳେ ସୋମବାର ୧୯ରୁ ଉର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗିଛି । ସାଟେଲାଇଟ୍ ମାଧ୍ୟମରେ ନିଆଁକୁ ବୈଜ୍ଞାନିକମାନେ ଚିହ୍ନଟ କରୁଛନ୍ତି । ଏହାପରେ ବନ ବିଭାଗକୁ ସୂଚନା ଦିଆଯାଉଛି। ତେଣୁ ବିଭାଗ କର୍ମଚାରୀ ସମସ୍ତ ରେଡ୍ ପଏଣ୍ଟକୁ ନିୟନ୍ତ୍ରଣ କରୁଛନ୍ତି । ପୂର୍ବରୁ ସାଟେଲାଇଟ୍ ବ୍ୟବସ୍ଥା ନ ଥିଲା। ତେଣୁ ନିଆଁ ଲିଭିଲା କି ନାହିଁ ଜାଣି ହେଉନଥିଲା। ସାଟେଲାଇଟ୍ ମାଧ୍ୟମରେ ସମସ୍ତ ତଥ୍ୟ ବର୍ତ୍ତମାନ ଜଣାପଡ଼ିଯାଉଛି। ବିଗତ କିଛିଦିନ ହେବ ଭଞ୍ଜନଗରରେ ତାପମାତ୍ରା ମଧ୍ୟ ବଢ଼ିଛି। ମୁଜାଗଡ଼, ତାରସିଂ ଏବଂ କେନ୍ଦ୍ରୀୟ ବନାଞ୍ଚଳରେ ଜଙ୍ଗଲ ପୋଡ଼ି ବୃଦ୍ଧି ଯୋଗୁ ରବିବାର ଓ ସୋମବାର ଭଞ୍ଜନଗର ସହର ସମେତ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟାହ୍ନ ୧୨ଟା ଯାଏ ଆକାଶ ଧୂଁଆମୟ ଥିଲା। ଏଥିଯୋଗୁ ଶାରୀରିକ ସ୍ତରରେ ଦୁର୍ବଳ ଥିବା ଲୋକମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ମାର୍ଚ୍ଚ ପହିଲାରୁ ଏହିଭଳି ଅବସ୍ଥା ହୋଇଥିବା ବେଳେ ଆଗକୁ ବର୍ଷା ସୂଚନା ନାହିଁ । ଅପ୍ରେଲ ଆଡ଼କୁ ପରିସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଅନ୍ୟପଟେ ଜଙ୍ଗଲ ପୋଡ଼ିଯୋଗୁ ବନ୍ୟପ୍ରାଣୀ ବିପଦରେ ପଡୁଛନ୍ତି । ପରିବେଶ ଦୂଷିତ ହେଉଛି । ଜଙ୍ଗଲର ତିନୋଟି ସ୍ତର ମଧ୍ୟରୁ ଦୁଇଟି ସ୍ତର ବିଶେଷ କ୍ଷତିଗ୍ରସ୍ତ ହେଉଛି। ତୃତୀୟସ୍ତରରେ ଥିବା ବଡ଼ବଡ଼ ଗଛ ଗୁଡ଼ିକ ଅଗ୍ନିକାଣ୍ଡରେ ବିଶେଷ କ୍ଷତିଗ୍ରସ୍ତ ହେଉନଥିଲେ ମଧ୍ୟ ଶୁଖିଲା ଗଛ ଗୁଡ଼ିକ ପୋଡ଼ିଯାଉଛି। ଜଙ୍ଗଲ ପୋଡ଼ି ଯୋଗୁ ଶହ ଶହ ହେକ୍ଟର ହେକ୍ଟର ଜଙ୍ଗଲ ନଷ୍ଟ ହୋଇଗଲାଣି। ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏବଂ ଜଙ୍ଗଲ ନିକଟବର୍ତ୍ତି ଗ୍ରାମରେ ବସବାସ କରୁଥିବା ଲୋକଙ୍କ ସହ ବନ ବିଭାଗର ଅଧିକାଂଶ କର୍ମଚାରୀ ବିଗତ କିଛିବର୍ଷ ହେବ ଆଉ ସମ୍ପର୍କ ରଖୁନାହାନ୍ତି। ଜଙ୍ଗଲ ଏବଂ ବନ ସୁରକ୍ଷା ସମିତିର ବିକାଶ ପାଇଁ ଆସୁଥିବା ଅର୍ଥକୁ ନେଇ ବିଭିନ୍ନ ସମୟରେ ଭିଏସ୍‌ଏସ୍ ଏବଂ ବନ ବିଭାଗ କର୍ମଚାରୀ ମଧ୍ୟରେ ବିବାଦ ରହୁଛି। ଫଳରେ ଭିଏସ୍‌ଏସ୍ କର୍ମକର୍ତ୍ତା ଏବଂ ବନ କର୍ମଚାରୀ ମଧ୍ୟରେ ସମ୍ପର୍କରେ ଦୂରତା ବଢୁଛି । ଜଙ୍ଗଲରେ ଶିକାର କିମ୍ବା ନିଆଁ ଲାଗିଲେ ଲୋକେ ବିଭାଗୀୟ କର୍ମଚାରୀଙ୍କୁ ତୁରନ୍ତ ସୂଚନା ଦେଉନାହାନ୍ତି। ତେଣୁ ଘଟଣା ସମ୍ପର୍କରେ ବିଳମ୍ବରେ ଜାଣି ପଦକ୍ଷେପ ନେବା ବେଳକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଯେଉଁଠି ନିଆଁକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ ସେଠି ବାରମ୍ବାର ରେଡ ପଏଣ୍ଟ ଆସୁଛି। ନିଆଁ ନିୟନ୍ତ୍ରଣକୁ ଆସିଲେ ଗ୍ରୀନ୍ ପଏଣ୍ଟ ଆସୁଛି। ପରିସ୍ଥିତି ଅସମ୍ଭାଳ ଆଡ଼କୁ ଯିବାପରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଚାପରେ କର୍ମଚାରୀମାନେ ବର୍ତ୍ତମାନ ଲୋକଙ୍କ ସହ ସୁସମ୍ପର୍କ ରଖି ଦିନ ରାତି ଗୋଟେ କରି ନିଆଁକୁ ଦମନ କରିବା ପାଇଁ ଲାଗିପଡ଼ିଛନ୍ତି । ଡିଏଫ୍‌ଓ ସୁଦର୍ଶନ ବେହେରା ପ୍ରତ୍ୟକ୍ଷ ଭାବେ ନିଆଁକୁ କିଭଳି ଦମନ କରାଯିବ ସେନେଇ ପଦକ୍ଷେପ ନେଉଛନ୍ତି । ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ କହିଛନ୍ତି ଯେ ସମନ୍ୱୟ ଅଭାବରୁ ଏହି ଅବସ୍ଥା ଉପୁଜିଛି । ଫାୟାର ଲାଇନ ଅଧିକରୁ ଅଧିକ କାଟିବାର ଆବଶ୍ୟକତା ଥିଲା। ନଚେତ ଗୁଡ଼ ପାଣି ପକାଇଥିଲେ ଏତେଟା ଜଙ୍ଗଲ ପୋଡ଼ିନଥାନ୍ତା। ଗୁଡ଼ ପାଣି ପକାଇଲେ ଉଇ ଧରିଦେବ । ଫଳରେ ନିଆଁ ଆଗକୁ ମାଡ଼ିପାରିବ ନାହିଁ । ଗଞ୍ଜାମ ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି କହିଛନ୍ତି, ଜଙ୍ଗଲ ପୋଡ଼ି ମନୁଷ୍ୟକୃତ । ଅସାବଧାନତା ହିଁ ଜଙ୍ଗଲ ପୋଡ଼ିର ମୁଖ୍ୟ କାରଣ । ବନ ସୁରକ୍ଷା ସମିତି ଏବଂ ବନ ବିଭାଗ ମଧ୍ୟରେ ସମନ୍ୱୟ ରହିଲେ ନିଆଁକୁ ନିୟନ୍ତ୍ରଣ କରିହେବ ।


ସୋମବାର ରାତିରେ କଳିଙ୍ଗାଘାଟି ପାର୍ଶ୍ୱ ଜଙ୍ଗଲରେ ନିଆଁ ଲାଗିଛି ।

## ନାବାଳିକା ବଳାତ୍କାରୀ ୫ ବର୍ଷ ପରେ ଗିରଫ

ଦାରିଙ୍ଗବାଡି,୬।୩(ଡି.ଏନ.ଏ)

ଜଣେ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରି ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ୫ ବର୍ଷ ପରେ ଦାରିଙ୍ଗବାଡି ପୋଲିସ ଗିରଫ କରିଛି । ସେ ହେଲେ ସିରକାବର୍ଗ ପଞ୍ଚାୟତ ଆତିନବାଡି ଗ୍ରାମର ସବିନ୍ଦ୍ର ପ୍ରଧାନ। ଗତ ୨୦୧୮ ଡିସେମ୍ବରରେ ଜଣେ ନାବାଳିକା ତାଙ୍କ ସମ୍ପର୍କୀୟ ଘରକୁ ଉପାସନା ପାଇଁ ଯାଇ ବିଳମ୍ବିତ ରାତିରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ନାବାଳିକାଙ୍କ ଜଣେ ସମ୍ପର୍କୀୟ ଭାଇ ଦେଖି ରାତିରେ ଗାଁକୁ ଯାଆନି କହି ନାବାଳିକାଙ୍କୁ ତାଙ୍କ ଘରକୁ ଡାକି ନେଇଥିଲେ। ନାବାଳିକା ଜଣକ ବିଶ୍ୱାସ କରି ସବିନ୍ଦ୍ରଙ୍କ ଘରକୁ ଚାଲିଯାଇଥିଲେ। ରାତିରେ ସେଠାରେ ଖାଇବା ପରେ ଶୋଇବାକୁ ଅନ୍ୟ ଏକ କୋଠରୀକୁ ଯିବା ସମୟରେ ସବିନ୍ଦ୍ର ତାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ସକାଳୁ ନାବାଳିକାଙ୍କୁ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ଛାଡ଼ିଦେଇଥିଲେ। ନାବାଳିକା ଜଣକ ଘରକୁ ଯାଇ ଏ ବିଷୟରେ କାହାକୁ କହିନଥିଲେ। କିଛି ପରେ ସେ ଗର୍ଭବତୀ ହେବାରୁ ପରିବାର ଲୋକ ଜାଣି ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୫୩/୧୮ରେ ମାମଲା ରୁଜୁ କରିଥିଲା। ଗିରଫ ଭୟରେ ଅଭିଯୁକ୍ତ ରାଜ୍ୟ ବାହାରକୁ ପଳାଇଥିଲେ। ଏବେ ସବିନ୍ଦ୍ର ଘରକୁ ଫେରିଥିବା ଖବର ପାଇ ଆଇଆଇସି କୌଶିକ ମାଝୀ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ ଅଫିସ, ୬।୩

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସିତ କୁମାର ବେହେରା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି । ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଜଣକ ହେଲେ ରାୟଗଡା ଜିଲା ଆମ୍ବଦୋଳା ଥାନା ବଡମୁଦ୍ରା ଗ୍ରାମର ସୁନୀଲ ସପାକ।

ପ୍ରକାଶ ଯେ, ୨୦୨୦ ଫେବୃୟାରୀ ୨୧ ଶିବରାତ୍ରି ଦିନ ତୁମୁଡିବନ୍ଧ ଅଞ୍ଚଳର ଜଣେ ନାବାଳିକା ଜଲେଶପଟା ସ୍ଥିତ ଶିବମନ୍ଦିରକୁ ଯାଇଥିଲେ। ସେଠାରେ ପୂର୍ବରୁ ପରିଚିତ ଥିବା ସୁନୀଲ ଯାଇ ପହଞ୍ଚିଥିଲେ। ନାବାଳିକାଙ୍କୁ ଭଲରେ ରଖିବି କହି ସାଙ୍ଗରେ ରାୟଗଡା ନେଇ ଯାଇଥିଲେ । ସେଠାରେ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ଏହାପରେ ସୁନୀଲ ତାଙ୍କୁ ନେଇ ହାଇଦ୍ରାବାଦ ଚାଲିଯାଇଥିଲେ । ସେଠାରେ ମଧ୍ୟ ସୁନୀଲ ତାଙ୍କୁ ବଳାତ୍କାର କରିଥିଲେ। କରୋନା ହେବାରୁ ଉଭୟ ଫେରିଥିଲେ। ମୁନିଗୁଡାରେ ସୁନୀଲ ଏବଂ କୋଟଗଡ କ୍ୱାରେଣ୍ଟାଇନ ସେଣ୍ଟରରେ ନାବାଳିକା ରହିଥିଲେ। କ୍ୱାରେଣ୍ଟାଇନ ସରିବା ପରେ ସୁନୀଲ ତାଙ୍କ ଘରକୁ ଫେରିଯାଇଥିବା ବେଳେ ନାବାଳିକା ମଧ୍ୟ ସୁନୀଲଙ୍କ ଘରେ ଯାଇ ପହଞ୍ଚିଥିଲେ। ହେଲେ ସେଠାରେ ସୁନୀଲ ତାଙ୍କୁ ଧମକ ଦେବା ସହ ମାଡ ମାରି ଘରୁ ତଡି ଦେଇଥିଲେ। ନାବାଳିକା ଜଣକ ଉପାୟ ନ ପାଇ ସମ୍ପର୍କୀୟ ଭଉଣୀଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ନାବାଳିକା ତୁମୁଡିବନ୍ଧ ଥାନାରେ ଅଗଷ୍ଟ ୫ ତାରିଖରେ ଏତଲା ଦେଇଥିଲେ। ପୋଲିସ ନଂ. ୬୧/୨୦ରେ ମାମଲା ରୁଜୁ କରି ସୁନୀଲଙ୍କୁ କୋର୍ଟ ଚାଲାଣ କରିଥିଲା। ଘଟଣାରେ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ମେଡିକାଲ ରିପୋର୍ଟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ସୌଦାମିନୀ ମୃତ୍ୟୁ ଘଟଣା ଠିକ୍ ତଦନ୍ତ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ପାରଳାଖେମୁଣ୍ଡି,୬।୩(ଡି.ଏନ୍.ଏ.)

ନବୋଦୟ ଆଦିବାସୀ ଛାତ୍ରୀ ସୌଦାମିନୀ ରଇତ ମୃତ୍ୟୁ ଘଟଣାର ମାମଲା ପ୍ରତିଦିନ ନୂଆରୂପ ନେଉଛି। ପୋଲିସ ତଦନ୍ତରେ ଶିଥିଳତା ଓ ତଦନ୍ତ ବାଟମାରଣା ହେଉଥିବା ଅଭିଯୋଗରେ ହଜାର ହଜାର ଆଦିବାସୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଗତ ୨୦ତାରିଖରେ ପାରଳାଖେମୁଣ୍ଡି ନବୋଦୟର ଆଦିବାସୀ ଛାତ୍ରୀ ସୌଦାମିନୀଙ୍କ ମୃତ୍ୟୁ ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଆତ୍ମହତ୍ୟା କହୁଥିବା ବେଳେ ଛାତ୍ରୀଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଥିଲେ । ହେଲେ ପୋଲିସର ତଦନ୍ତରେ ଅବହେଳା ଯୋଗୁ ଏହା ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ହୋଇପାରୁନାହିଁ। ଏଥିପାଇଁ ଆଦିବାସୀ ମାନେ ଦୀର୍ଘ ସମୟ ଧରି ଆନ୍ଦୋଳନ କରିଥିଲେ। ସେମାନଙ୍କ ଦାବି ପୋଲିସ ସ୍କୁଲ କର୍ତ୍ତୃପକ୍ଷଙ୍କୁ ତଦନ୍ତର ପରିସର ଭୁକ୍ତ କରିବାସହ ସ୍କୁଲ ଅଧକ୍ଷଙ୍କୁ ଗିରଫ କରିବା ଏବଂ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ କ୍ଷତି ପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା ଆଦିବାସୀମାନେ ଦାବି କରିଛନ୍ତି। ତେବେ ସେମାନଙ୍କ ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଜିଲାବ୍ୟାପୀ ଚେତାବନୀ ଦେଇଛନ୍ତି ସିପିଏମ୍ ଜିଲା ସମ୍ପାଦକ ଦଣ୍ଡପାଣି ରଇତ। ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପହଞ୍ଚି ୩ଦିନ ମଧ୍ୟରେ ତଦନ୍ତର ସମସ୍ତ ତଥ୍ୟ ଲୋକଙ୍କୁ କହିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆଦିବାସୀମାନେ ଆନ୍ଦୋଳନରୁ ଓହରିଥିଲେ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେଗୁନିଆପଡ଼ା,୬।୩

ବେଗୁନିଆପଡ଼ା ସ୍ଥିତ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟିକା ଲତିକା ପ୍ରଧାନ ଯୋଗ ଦେଇଥିଲେ। ଦଣ୍ଡୁ ପ୍ରଧାନ, ସନ୍ତୋଷ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଛତ୍ରପୁର ଆଇଟିଆଇର ଡାକୋଟା ନିର୍ମାଣ
## ଏମ୍‌ପି, ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ


ଡାକୋଟା।

ଛତ୍ରପୁର,୬।୩(ଡି.ଏନ.ଏ. )

ଗଞ୍ଜାମ ଜିଲ୍ଲା ଛତ୍ରପୁର ସରକାରୀ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଦରକାରୀ ଲୁହାରୁ ନିର୍ମାଣ କରାଯାଇଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଓ ଡାକୋଟା ବିମାନକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ଓ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ରବିବାର ଉଦ୍‌ଘାଟନ କରିଛନ୍ତି। ଛତ୍ରପୁର ସରକାରୀ ଆଇଟିଆଇ ପରିସରରେ ବିଜୁବାବୁଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ଓ ତାଙ୍କ ଡାକୋଟାକୁ ଛାତ୍ରୀଛାତ୍ର ତିଆରି କରିଛନ୍ତି। ବିଭିନ୍ନ ଅଦରକାରୀ ଲୁହାରେ ଏଗୁଡିକ ତିଆରି କରାଯାଇଛି। ଅଧକ୍ଷ ଇଂ. ପ୍ରିୟବ୍ରତ ପଣ୍ଡା ଓ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ସଫଳ ହୋଇଥିବା ଛାତ୍ରୀଛାତ୍ର କହିଛନ୍ତି। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ପ୍ରାୟ ୮ ଫୁଟ ରହିଛି। ସେହିପରି ଡାକୋଟାର ଉଚ୍ଚତା ୭ ଫୁଟ୍ ଓ ଲମ୍ବ ୨୦ ଫୁଟ୍ ରହିଛି। କାର୍ଯ୍ୟକ୍ରମରେ ଡାକ୍ତର ଗୋପବନ୍ଧୁ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ଅଧିକାରୀ ଯୋଗ ଦେଇଥିଲେ ।

## ବରଙ୍ଗ ଉଚ୍ଚ ପ୍ରାଥମିକ ସ୍କୁଲରେ କାମଚଳା ପାଠପଢ଼ା
## ଜିଲ୍ଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

ଛତ୍ରପୁର,୬।୩(ଡି.ଏନ.ଏ.)

ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇ ସ୍କୁଲଗୁଡିକର ଭିତ୍ତିଭୂମିର ବିକାଶ ୫ଟି ରୁପାନ୍ତରୀକରଣରେ ସଜାଉଥିବା ବେଳେ ଅନେକ ସ୍କୁଲରେ ଶିକ୍ଷକ ଅଭାବ ଦେଖିବାକୁ ମିଳୁଛି। କେଉଁଠି ଶିକ୍ଷକଙ୍କ ଉପରେ ଉପରସ୍ଥ ଅଧିକାରୀମାନଙ୍କ ଅଙ୍କୁଶ ନ ଥିବା ହେତୁ ବିଭିନ୍ନ ଆଳ ଦେଖାଇ ନିଜ ଇଚ୍ଛାରେ ସ୍କୁଲରେ ଅନୁପସ୍ଥିତ ରହୁଛନ୍ତି। ମୋଟା ଅଙ୍କରେ ଦରମା ନେଉଛନ୍ତି। ଛତ୍ରପୁର ବ୍ଲକ ଅନ୍ତର୍ଗତ ବରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଦେଖିବାକୁ ମିଳିଛି। ଏଠାରେ ୧୦୦ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ୪ ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ଅଛନ୍ତି ୩, ଜଣେ ଶିକ୍ଷକ ଦୀର୍ଘ ଦିନ ହେଲା ଅସୁସ୍ଥତା ଯୋଗୁ ଆସୁ ନାହାନ୍ତି। ଆଉ ଜଣେ ଶିକ୍ଷୟିତ୍ରୀ ସେ ବିଭିନ୍ନ ତାଲିମ ଆଳ ଦେଖାଇ ଅଧିକାଂଶ ଦିନ ସ୍କୁଲ ଆସନ୍ତି ନାହିଁ। ପ୍ରଧାନ ଶିକ୍ଷକ ଅଫିସ କାମ ସମ୍ଭାଳିବା ସହ ୮ଟି ଶ୍ରେଣୀର ପାଠପଢ଼ା ଦାୟିତ୍ୱ ନିର୍ବାହ କରୁଛନ୍ତି। ଯଦି ଯେଉଁ ଦିନ ପ୍ରଧାନ ଶିକ୍ଷକଙ୍କର କୌଣସି ଅଫିସ କାର୍ଯ୍ୟ ପଡ଼ିଲା ସେ ଅନୁପସ୍ଥିତ ରୁହନ୍ତି, ସେ ଦିନ ପାଚିକାମାନଙ୍କ ଦାରା ସ୍କୁଲ ପରିଚାଳନା ହେଉଛି। ଫଳରେ ଛୋଟ ପିଲାମାନେ ଶିକ୍ଷାଧିକାରରୁ ବଞ୍ଚିତ ହୋଇ ସେମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବି ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି।

# କୃଷ୍ଣ ସିଂହ ଜୟନ୍ତୀ

ଆସିକା,୬।୩ (ଡି.ଏନ.ଏ.)

ଗଞ୍ଜାମ ଜିଲା ଧରାକୋଟ ରାଜ ପରିବାରର ରାଜକବି କୃଷ୍ଣ ସିଂହ ଓଡିଆ ସାହିତ୍ୟରେ ଜଣେ ବ୍ୟାସ ଏବଂ ତାଙ୍କ ରଚିତ ମହାଭାରତ ଓଡିଆ ସାହିତ୍ୟରେ ପୁରାଣ ରଚନା ଲାଗି ଏକ ନୂଆ ଭାବଧାରା ସୃଷ୍ଟି କରିଥିଲା ବୋଲି ବରିଷ୍ଠ ଶିକ୍ଷାବିତ ଡ. ବିବେକାନନ୍ଦ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ଆସିକାସ୍ଥିତ କୃଷ୍ଣ ସିଂହ ସାହିତ୍ୟ ପରିଷଦ ଓ ବ୍ରହ୍ମପୁର କଳିଙ୍ଗ ସାହିତ୍ୟ ସମାଜର ମିଳିତ ଉଦ୍ୟମରେ ସ୍ଥାନୀୟ କୃଷ୍ଣସିଂହ ସାହିତ୍ୟ ପରିଷଦ ଭବନରେ ଅନୁଷ୍ଠିତ ରାଜକବି କୃଷ୍ଣସିଂହଙ୍କ ସାରସ୍ୱତ ସମ୍ଭାର – ଏକ ଅନୁଶୀଳନ ଶୀର୍ଷକ ଆଲୋଚନା ଚକ୍ରରେ ଏହି ଏତବ୍ୟକ୍ତ କରାଯାଇଥିଲା। କୃଷ୍ଣସିଂହଙ୍କ ରଚିତ ମହାଭାରତ, ହରିବଂଶ ଓ ରାମରସାୟନ ସାଙ୍ଗକୁ ଅନେକ ଚଉପଦୀ ଓ ଚଉତିଶା ଓଡିଆ ବାଣୀ ଭଣ୍ଡାରକୁ ବିଶେଷ ଭାବରେ ପରିପୃଷ୍ଟ କରିବା ସହ ପରିପ୍ରକାଶ କରିଛି । କୃଷ୍ଣସିଂହଙ୍କ ମୌଳିକତା ବିଶେଷ ଭାବରେ ଏହି ସବୁ ଗ୍ରନ୍ଥରେ ପ୍ରକାଶ ପାଇଥିଲା ବେଳେ ଓଡ଼ିଆ ବାଣୀ ଭଣ୍ଡାରକୁ ଏହା ପରିପୃଷ୍ଟ କରିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏତଦ ଅବସରରେ କୃଷ୍ଣସିଂହଙ୍କ ସାରସ୍ୱତ ଜୀବନ ଓ କୃତି ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ମେଜର ରମାରଣ ପାଢୀ, ଡ. ବନମାଳି ପାଣିଗ୍ରାହୀ, ଡ. ସନ୍ତୋଷ କୁମାର ଦାସ, ଡ. କୁଳମଣି ଓଝା, ପ୍ରାଧାପକ ଲୋକନାଥ ମହାନ୍ତି, ଅମିତା ମିଶ୍ର, ହୃଷିକେଶ ଦାସ ଓ ଡ. ବାୟାମନୁ ଚର୍ଚ୍ଚିଙ୍କ ରଚିତ ପ୍ରବନ୍ଧକୁ ଏତଦ ଅବସରରେ ପାଠ କରାଯାଇଥିଲା। ଏହି ଅବସରରେ ଡ. କୃଷ୍ଣ ପ୍ରସାଦ ମହାପାତ୍ରଙ୍କ ରଚିତ ରାଜକବି କୃଷ୍ଣ ସିଂହ ଶୀର୍ଷକ ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। ବିଶିଷ୍ଟ ସମାଲୋଚନ ଓ ସାହିତ୍ୟିକ ଡ. ବିବେକାନନ୍ଦ ପାଣିଗ୍ରାହୀଙ୍କୁ ରାଜକବି କୃଷ୍ଣସିଂହ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃଷ୍ଣସିଂହ ସାହିତ୍ୟ ପରିଷଦର ସଭାପତି ମେଜର ରମାରମଣ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳିଙ୍ଗ ସାହିତ୍ୟ ସମାଜର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢୀ ମୁଖ୍ୟ ଅତିଥି ଓ ବିଶିଷ୍ଟ ସାହିତ୍ୟିକ ଡ. ବିବେକାନନ୍ଦ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗେଦେଇଥିଲେ। ଡ. ହୃଷିକେଶ ପଣ୍ଡା ପ୍ରାକ ସୂଚନା ଓ ଅତିଥି ପରିଚୟ ପ୍ରଦାନକରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ହିଞ୍ଜିଳିକାଟୁ/ଶେରଗଡ଼, ୬।୩(ଡି.ଏନ୍.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସଚିବ ଆର ଭିନିଲ କ୍ରିଷ୍ଣା ସୋମବାର ହିଞ୍ଜିଳିକାଟୁ, ଶେରଗଡ଼ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ସହ ସମୀକ୍ଷା କରିଛନ୍ତି। ସ୍ୱତନ୍ତ୍ର ସଚିବ ହିଞ୍ଜିଳିକାଟୁ ଗସ୍ତ ବେଳେ ହିଞ୍ଜିଳିକାଟୁ ବ୍ଲକର ପୋଟିଳିମା ଠାରେ ଥିବା ସରକାରୀ ଆଇଟିଆଇ ବୁଲିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଭାଲୁକା ବନ୍ଧ, ହିଞ୍ଜିଳିକାଟୁ ବୃନ୍ଦାବନ ସରକାରୀ ବିଦ୍ୟାପୀଠ, ଇନଡ଼ୋର ଷ୍ଟାଡ଼ିୟମ ଓ ମିନି ଷ୍ଟାଡିୟମ ବୁଲି ଦେଖିବା ସହ ଏହି ସବୁ ଅନୁଷ୍ଠାନ ଗୁଡ଼ିକରେ ଥିବା ସମସ୍ୟା, ସୁବିଧା ଓ ଆଧୁନିକୀକରଣ ଉପରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ହିଞ୍ଜିଳିକାଟୁ ପୂର୍ତ୍ତ ଡାକ ବଙ୍ଗଳାଠାରେ ଜନ ପ୍ରତିନିଧି, ବୁଦ୍ଧିଜିବୀଙ୍କ ସହ ଅଞ୍ଚଳର ବିଭିନ୍ନ ଉନ୍ନତିକରଣ ଯୋଜନା ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣାଙ୍କ ସହ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏଡିଏମ ପ୍ରିୟରଞ୍ଜନ ପୃଷ୍ଟି, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବିଡିଓ ସୁବ୍ରତ ଜେନା, ତହସିଲଦାର ପ୍ରଭାତ ପରିଡ଼ା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁଲି ବେହେରା ପ୍ରମୁଖ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ସ୍ୱତନ୍ତ୍ର ସଚିବ ଶେରଗଡ଼ର ଅଲଗିଗଡ଼ ଶିବ ମନ୍ଦିରରେ ପହଞ୍ଚି ନିକଟରେ ଥିବା ସୌନ୍ଦର୍ଯ୍ୟ କରଣ ଓ ଶିବ ମନ୍ଦିରକୁ ଲାଗି ନିର୍ମାଣାଧୀନ ଏକ ପାର୍କକୁ ବୁଲି ଦେଖିଥିଲେ। ବିଡିଓ ସିବାସୀଷ ବରାଳ, ତହସିଲଦାର ତ୍ରିଦେବ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ପ୍ରସାଦ ପଣ୍ଡା ,ପବିତ୍ର ମୋହନ ପଟ୍ଟନାୟକ ଯୋଗ ଦେଇଥିଲେ।


ହିଞ୍ଜିଳିକାଟୁ ଗସ୍ତରେ ସ୍ୱତନ୍ତ୍ର ସଚିବ ଓ ଅନ୍ୟମାନେ ।

# ୩୯୨ ୟୁନିଟ୍ ରକ୍ତ ସଂଗ୍ରହ

ଗୋପାଳପୁର,୬।୩ (ଡିଏନଏ)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଲାଞ୍ଜିପଲୀଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବ ନେତା ଏ ସନ୍ତୋଷ ପାତ୍ରଙ୍କ ନେତୃତ୍ୱରେ ଶିବିରରେ ୩୯୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ ଗୋପବନ୍ଧୁ ଦାଶ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, କବି ସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଛତ୍ରପୁର ବିଧାୟକ ସୁବାସ ବେହେରା ଓ ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧକ୍ଷ ସୁବାଷ ମହାରଣା ଅତିଥି ରୂପେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହାପରେ ସାଇକେଲ ଶୋଭାଯାତ୍ରା କରାଯିବା ସହ ଜରା ନିବାସରେ ବୃଦ୍ଧ ଓ ବୃଦ୍ଧାଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ଏନଏସି ଅଧକ୍ଷ ଏ ଜାନକୀ ରାମ, ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷା ଅନୀତା ମହାଙ୍କୁଡ, ବ୍ଲକ ସଭାପତି ଅଜିତ କୁମାର ଦାଶ, ଉପସଭାପତି ଦିଲେଶ୍ୱର ରେଡି, ଉପସଭାନେତ୍ରୀ ବିଷ୍ଣୁପ୍ରିୟା ନାୟକ, ପୂର୍ବତନ ଉପନଗରପାଳ ଶଶୀଭୂଷଣ ମହାନ୍ତି, ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ଭବାନୀ କାନ୍ତ ସାହୁ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଅଜିତ କୁମାର ରାଉଳ, ସମାଜିକ କର୍ମୀ ରାମହରି ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।


ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥି ଓ ଦଳୀୟ କର୍ମୀ।

